# ଫାରମ 1

## (ନିୟମ 3 ଦ୍ରଷ୍ଟବ୍ୟ)

## ନିର୍ବାଚନ ନୋଟିସ

ଏତଦ୍ଵାରା ନୋଟିସ୍ ଦିଆଯାଉଛି ଯେ-

(1) ଓଡିଶା (ରାଜ୍ୟ) ବିଧାନ ସଭାକୁ ୫୩-କୋରେଇ ନିର୍ବାଚନ ମଣ୍ଡଳୀରୁ ଜଣେ ସଭ୍ୟଙ୍କ ନିର୍ବାଚନ ହେବ ।

(2) ୧୪ ମଇ ୨୦୨୪ (ମଙ୍ଗଳବାର) ତାରିଖ ସୁଦ୍ଧା ଯେ କୌଣସି ଦିନ (ସାଧାରଣ ଛୁଟି ଦିବସ ବ୍ୟତୀତ) ପୂର୍ବାହ୍ନ ୧୧.୦୦ ଘଣ୍ଟାଠାରୁ ଅପରାହ୍ନ ୩.୦୦ ଘଣ୍ଟା ମଧ୍ୟରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କର କୌଣସି ଜଣେ ପ୍ରସ୍ତାବକ ମନୋନୟନ ପତ୍ର ଉପଜିଲ୍ଲାପାଳ, ଯାଜପୁର ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ରିଟର୍ଣ୍ଣିଂ ଅଧିକାରୀ କିମ୍ବା ଶ୍ରୀ ଦେବାଶିଷ ରାଉତ, ତହସିଲଦାର, ବ୍ୟାସନଗର ତଥା ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ।

(3) ପୂର୍ବୋକ୍ତ ସ୍ଥାନରେ ପୂର୍ବୋକ୍ତ ସମୟରେ ମନୋନୟନ ପତ୍ରର ଫାରମ ମିଳିପାରିବ ।

(4) ଉପଜିଲ୍ଲାପାଳ, ଯାଜପୁର ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସ୍ଥାନରେ ୧୫ ମଇ ୨୦୨୪(ବୁଧବାର) ତାରିଖରେ ପୂର୍ବାହ୍ନ ୧୧.୦୦ ଘଣ୍ଟା ସମୟରେ ମନୋନୟନ ପତ୍ର ଯାଞ୍ଚ କରାଯିବ ।

(5) ପ୍ରାର୍ଥୀତ୍ଵ ପ୍ରତ୍ୟାହରଣ ନିମନ୍ତେ ନୋଟିସ୍, ସ୍ଵୟଂ ପ୍ରାର୍ଥୀ ଅଥବା ତାହା ଦାଖଲ କରିବା ନିମନ୍ତେ ପ୍ରାର୍ଥୀଙ୍କ ଦ୍ଵାରା ଲିଖିତ ଭାବରେ ପ୍ରାଧିକୃତ ହୋଇଥିବା ତାହାଙ୍କ ପ୍ରସ୍ତାବକମାନଙ୍କ ମଧ୍ୟରୁ କୌଣସି ଜଣେ ବା ନିର୍ବାଚନ ଏଜେଣ୍ଟ ପାରାଗ୍ରାଫ (2) ରେ ବିନିର୍ଦ୍ଦିଷ୍ଟ ଯେ କୌଣସି ଅଧିକାରୀଙ୍କ ନିକଟରେ ତାହାଙ୍କ କାର୍ଯ୍ୟାଳୟରେ ୧୭ ମଇ ୨୦୨୪ (ଶୁକ୍ରବାର) ତାରିଖ ଅପରାହ୍ନ ୩.୦୦ ଘଣ୍ଟା ପୂର୍ବରୁ ଦାଖଲ କରିପାରିବେ ।

(6) ଯଦି ନିର୍ବାଚନ ପ୍ରତିଦ୍ଵନ୍ଦିତାମୂଳକ ହୁଏ ତେବେ ୧ ଜୁନ ୨୦୨୪(ଶନିବାର) ତାରିଖରେ ସକାଳ ୭ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ।

ସ୍ଥାନ- ଯାଜପୁର

ତାରିଖ-୦୭.୦୫.୨୦୨୪

ରିଟର୍ଣ୍ଣିଂ ଅଧିକାରୀ

୫୩-କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ

ରିଟର୍ଣ୍ଣିଂ ଅଫିସର

୫୩-କୋରେଇ

ବିଧାନସଭା ନିର୍ବାଚନ ମଣ୍ଡଳୀ